ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
Odisha State Open University
ସମ୍ବଲପୁର, ଓଡ଼ିଶା
Established : 2015
Temporary Campus : G.M. University, Sambalpur
E-Mail : info@osou.ac.in, Website : www.osou.ac.in.
ସ୍ଥାପିତ : ୨୦୧୫
ଅସ୍ଥାୟୀ ଶିବିର : ଜି.ଏମ୍. ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ଦତ୍ତକର୍ମ – ୧ - ୩

## ଶିକ୍ଷା ବର୍ଷ : ୨୦୧୬-୧୭

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

ଉତ୍ତର ଲେଖିବା ପୂର୍ବରୁ ନିୟମାବଳୀକୁ ଯତ୍ନର ସହିତ ପାଠକରନ୍ତୁ ।

# ନିୟମାବଳୀ

**ଦତ୍ତକର୍ମ:** ୧-୩

**ଶିକ୍ଷାବର୍ଷ:** ୨୦୧୬-୧୭

## ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତ **ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ**କୁ ଆପଣମାନଙ୍କୁ ସ୍ୱାଗତ । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଟି ପାଠ୍ୟକ୍ରମ ପାଇଁ ଆପଣମାନଙ୍କୁ ଗୋଟିଏ ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତକରି ଦାଖଲ କରିବାକୁ ହେବ । ତାହାଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ । ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନ କେନ୍ଦ୍ରର ପରାମର୍ଶ ଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ । ତେଣୁ, ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବାକୁ ଚେଷ୍ଟାକରିବେ । ଦତ୍ତକର୍ମ ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟ ବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟିରଖନ୍ତୁ । ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠକରନ୍ତୁ । ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟ ଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ତେଣୁ, ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇ ପାରିବ ଯେ ପାଠ୍ୟଉପକରଣ ଗୁଡ଼ିକୁ ମନ ଦେଇ ପାଠକରି ବୁଝିବାକୁ ଚେଷ୍ଟାକରନ୍ତୁ ଏବଂ ଯଥାସଂଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଚେଷ୍ଟାକରନ୍ତୁ । ତାହାଦ୍ୱାରା ଆପଣମାନେ ଭଲ ଗ୍ରେଡ୍/ନମ୍ବର ପାଇ ପାରିବେ ।

### ଦତ୍ତକର୍ମର ଉଦ୍ଦେଶ୍ୟ:

ମୁକ୍ତ ଓ ଦୂର ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମ ଗୁଡ଼ିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଦତ୍ତକର୍ମ ଗୁଡ଼ିକରେ ଆପଣମାନେ ଯେଉଁଗ୍ରେଡ୍/ମାର୍କ ଅର୍ଜନ କରି ଥାଆନ୍ତି, ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ । ଦତ୍ତକର୍ମରେ ଭଲ ଗ୍ରେଡ୍/ମାର୍କ ରଖିଲେ ଆପଣମାନଙ୍କ ମୋଟା ମୋଟି ପରୀକ୍ଷା ଫଳ ଖୁବ ଭଲ ହେବ ।

ମୁକ୍ତ ଓ ଦୂର ଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଂଶ । ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାଳୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦିଷ୍ଟ/ସାଧାରଣ ମନ୍ତବ୍ୟ ସହିତ ସେଗୁଡ଼ିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗ ଗୁଡ଼ିକ ଜାଣି ପାରିବେ । ତାହାଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା)ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

### ଦତ୍ତକର୍ମ ଲେଖିବେ କିପରି ?

୧.ଉତ୍ତର ଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ୍, ପାଠ୍ୟକ୍ରମର ନାମ, ନାମ ଲେଖା କ୍ରମିକ ସଂଖ୍ୟା, ଶିକ୍ଷା କେନ୍ଦ୍ରର କୋଡ୍ ନମ୍ବର ଉଲ୍ଲେଖ କରିବେ ।

୨. ଉତ୍ତର ଗୁଡ଼ିକ ନିଜ ହସ୍ତାକ୍ଷରରେ ଲେଖିବେ । ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାଙ୍କନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ ।

୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅନୁସରଣ କରନ୍ତୁ ।

୪. ଆପଣମାନଙ୍କ ହସ୍ତାକ୍ଷର ସ୍ପଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ ।

### ଦତ୍ତକର୍ମର ଭୂମିକା:

୧. ପ୍ରତିଟି ଦତ୍ତକର୍ମ ଗୋଟିଏ ମୂଲ୍ୟାଙ୍କନର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନିରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟଶତକଡ଼ା ୭୫ ଭାଗର ଗୁରୁତ୍ୱ ବହନ କରିବ ।

୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟହେବ । ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ।

୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାର ଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ । ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତି ବର୍ଷରେ ଆପଣମାନଙ୍କୁ ଆଉ ଥରେ ଦତ୍ତକର୍ମର ଉତ୍ତର ଦାଖଲ କରିବାକୁ ହେବ ।

# ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

***SUBMISSION DATES FOR ASSIGNMENTS***

## (ଦତ୍ତକର୍ମ ଜମା କରିବାର ସମୟ ସୀମା)

### ସେମିଷ୍ଟର – ୧

| ପାଠ୍ୟକ୍ରମ ସଂଖ୍ୟା | ପାଠ୍ୟକ୍ରମ ଶୀର୍ଷକ | ସମୟ ସୀମା | ବାର |
|---|---|---|---|
| ୦୧ | ଓଡିଆ ବର୍ଣ୍ଣ ପରିଚୟ ଓ ବ୍ୟାକରଣ | ୨୩.୧୦.୨୦୧୬ | ରବିବାର |
| ୦୨ | ବ୍ୟାବହାରିକ ବ୍ୟାକରଣ | ୩୦.୧୦.୨୦୧୬ | ରବିବାର |
| ୦୩ | ଧ୍ୱନି ବିଜ୍ଞାନ | ୩୦.୧୦.୨୦୧୬ | ରବିବାର |

# <u>ଦତ୍ତକର୍ମ</u>

**ପାଠ୍ୟକ୍ରମ -୧** ‘ କ ’ ବିଭାଗ

(୩୦୦ଟି ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର) ୨୦×୨

୧. ଓଡିଆ ବର୍ଣ୍ଣମାଳାକୁ କୋଡେଟି ଭାଗରେ ବିଭକ୍ତ କରାଯାଇଛି । ସେ ସବୁ ବିଭାଗୀକରଣର କାରଣ ସହ ଉଚ୍ଚାରଣ ସ୍ଥାନ ମାନଙ୍କର ବିଶେଷତ୍ୱ ବର୍ଣ୍ଣନା କର ।

୨. କାରକ କହିଲେ କ'ଣ ବୁଝ ? ଅଥବା କର୍ତ୍ତା କାରକ ଓ କର୍ମ କାରକ ମଧ୍ୟରେ ଥିବା ପାର୍ଥକ୍ୟ ସଦୃଷ୍ଟାନ୍ତ ଆଲୋଚନା କର ।

‘ ଖ ’ ବିଭାଗ

(୭୫ଟି ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର) ୧୦×୩

୩. (କ) ଦନ୍ତୋଷ୍ଠ୍ୟ ବର୍ଣ୍ଣ କ'ଣ ଉଦାହରଣ ସହ ବୁଝାଅ । ଏହି ବର୍ଣ୍ଣକୁ ଆଦ୍ୟରେ ରଖି ପାଂଚଟି ଶବ୍ଦ ଲେଖ ।

(ଖ) ସର୍ବନାମର ସଂଜ୍ଞା ନିରୂପଣ କର । ପ୍ରଶ୍ନ ବାଚକ ସର୍ବନାମ କହିଲେ କଣ ବୁଝ ? ଦୁଇଟି ଉଦାହରଣ ଦେଇ ବୁଝାଇଦିଅ ।

(ଗ) ଲିଙ୍ଗ କାହାକୁ କୁହାଯାଏ ? ଏହା କେତେପ୍ରକାରର ? ଦୁଇଟି ଲେଖାଏଁ ଉଦାହରଣ ସହ ବୁଝାଅ ।

‘ ଗ ’ ବିଭାଗ

(୩୦ଟି ଶବ୍ଦ ମଧ୍ୟରେ ଉତ୍ତର ପ୍ରଦାନ କର) ୬×୫

୪. (କ) ଓଡିଆରେ ହ୍ରସ୍ୱସ୍ୱର ଓ ଦୀର୍ଘସ୍ୱର କହିଲେ କ'ଣ ବୁଝ ? ଉଦାହରଣ ସହ ବୁଝାଇଦିଅ ।

(ଖ)ସପ୍ତମୀ ବିଭକ୍ତିର ଚିହ୍ନ ଗୁଡିକ ଉଲ୍ଲେଖ କରି ଦୁଇଟି ଉଦାହରଣ ପ୍ରଦାନ କର ।

(ଗ)କାଳ କେତେ ପ୍ରକାରର ? ବର୍ତ୍ତମାନ କାଳ କହିଲେ କ'ଣ ବୁଝ ? ଉଦାହରଣ ସହ ବୁଝାଇ ଲେଖ ।

(ଘ) ଉପସର୍ଗ କାହାକୁ କହନ୍ତି ? ଓଡିଆ ଭାଷାରେ ବ୍ୟବହୃତ ହେଉଥିବା ଉପସର୍ଗ ଗୁଡିକ ମଧ୍ୟରୁ ପାଂଚଟିର ଉଦାହରଣ ଦିଅ ।

(ଙ) ସମାସ କାହାକୁ କୁହାଯାଏ ? ସମାସ ମୁଖ୍ୟତଃ କେତେ ପ୍ରକାରର କ'ଣ କ'ଣ ?

(ଚ) ରେଖାଙ୍କିତ ଶବ୍ଦ ଗୁଡିକ କେଉଁ ବିଶେଷ୍ୟର ଅନ୍ତର୍ଭୁକ୍ତ ,ଉଲ୍ଲେଖ କର ।

i. ବସିବା ଠାରୁ <u>କାଶିବା</u> ଭଲ ।

ii. <u>ପେଟ୍ରୋଲ</u> ଦର ପୁଣି ବଢିଲା ।

iii. ମହାରାଷ୍ଟ୍ରରେ ଭଲ <u>କମଳା</u> ହୁଏ ।

iv. ବଜାରରେ <u>ପରିବା</u> ଦର ଏବେ ଆକାଶ ଛୁଆଁ ।

v. <u>ବହି</u> ପଢିବା ଭଲ ଅଭ୍ୟାସ ।

# ଦତ୍ତକର୍ମ

**ପାଠ୍ୟକ୍ରମ -୨** 'କ' ବିଭାଗ

(୩୦୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ) ୨୦×୨

୧. ସଫଳ ବାକ୍ୟ ଗଠନ ନିମିତ୍ତ କେଉଁ କେଉଁ ଗୁଣ ଗୁଡିକ ଏକାନ୍ତ ଆବଶ୍ୟକ ,ଉଦାହରଣ ସହ ବୁଝାଇ ଲେଖ ।

୨. ବାକ୍ୟର ପ୍ରକାର ଭେଦ ଦର୍ଶାଇ, ଏହାର ବୈଶିଷ୍ଟ୍ୟ ଗୁଡିକ ନିରୂପଣ କର ।

' ଖ ' ବିଭାଗ

(୭୫ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ) ୧୦×୩

୩. (କ) ଆକାଂକ୍ଷା ଓ ଯୋଗ୍ୟତା ମଧ୍ୟରେ ଥିବା ସଂପର୍କକୁ ବୁଝାଇ ଲେଖ,

(ଖ) ଆକାଂକ୍ଷା ଓ ଯୋଗ୍ୟତା ଓ ଆସତ୍ତି କିପରି ସଫଳ ବାକ୍ୟ ଗଠନରେ ସହାୟକ ହୁଏ,ବୁଝାଇ ଲେଖ ।

(ଗ) ଜଟିଳ ବାକ୍ୟ ଓ ଯୌଗିକ ବାକ୍ୟ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି ଦର୍ଶାଅ ।

' ଗ ' ବିଭାଗ

(୩୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ) ୬×୫

୪.ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(କ) ଆସତ୍ତି

(ଖ) ସରଳ ବାକ୍ୟ

(ଗ) ବିବୃତି ସୂଚକ ବାକ୍ୟ ।

(ଘ) ଆଦେଶ ସୂଚକ ବାକ୍ୟ

(ଙ) ବିସ୍ମୟ ସୂଚକ ବାକ୍ୟ

(ଚ) ପ୍ରଶ୍ନ ସୂଚକ ବାକ୍ୟ

# ଦତ୍ତକର୍ମ

**ପାଠ୍ୟକ୍ରମ -୩** ‘ କ ’ ବିଭାଗ

(୩୦୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ) ୨୦×୨

୧– ଧ୍ୱନିର ଉତ୍ପନ୍ନ କ୍ଷେତ୍ରରେ ବାକ୍ ଯନ୍ତ୍ରର ବିଭିନ୍ନ ଅବୟବ କିପରି ଭୂମିକା ନିର୍ବାହ କରନ୍ତି ତାହା ଆଲୋଚନା କର ।

୨– ଶବ୍ଦ ପରିବର୍ତ୍ତନର ବିଭିନ୍ନ ଦିଗ ଉପରେ ଆଲୋଚନା କର ।

‘ ଖ ’ ବିଭାଗ

(୭୫ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ) ୧୦×୩

୩– (କ) ଉଚ୍ଚାରିତ ଧ୍ୱନି,ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ଦର୍ଶାଅ ।

(ଖ) ସ୍ୱର ପେଟିକା ଓ ସ୍ୱରତନ୍ତ୍ରୀର ଭୂମିକା ନିର୍ଦ୍ଧାରଣ କର ।

(ଗ) ଅର୍ଥ ବିସ୍ତାର ଓ ଅର୍ଥ ସଂକୋଚନ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

‘ ଗ ’ ବିଭାଗ

( ୩୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ) ୬×୫

୪.ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(କ) ମୂର୍ଦ୍ଧନ୍ୟ ସ୍ୱର

(ଖ) କଣ୍ଠ୍ୟ ବ୍ୟଞ୍ଜନ ଧ୍ୱନି

(ଗ) ଅଳ୍ପପ୍ରାଣ ଓ ମହାପ୍ରାଣ ବ୍ୟଞ୍ଜନଧ୍ୱନି

(ଘ) ଘୋଷୀ ଭଜନ

(ଙ) ଧ୍ୱନି ଲୋପ

(ଚ) ଭାଷା ପରିବର୍ତ୍ତନରେ ସାମାଜିକ ପ୍ରଭାବ